# ରାମକୃଷ୍ଣ ସ୍ୱାଇଁ

ଜନ୍ମ: (୧୯୪୯-      ) ମସିହା

ଶ୍ରୀ ରାମକୃଷ୍ଣ ସ୍ୱାଇଁ ସମ୍ପ୍ରତି ଦୂରଦର୍ଶନ କେନ୍ଦ୍ର-ଭୁବନେଶ୍ୱରରେ ସହକାରୀ ଯନ୍ତ୍ରୀ/ବୈଷୟିକ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ । ତାଙ୍କର ଅନେକ ପ୍ରବନ୍ଧ ଓ କବିତା ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଛି । ତାଙ୍କର ପୁସ୍ତକ -

**ସ୍ୱ-ପ୍ରତିଛବି,** ପୃଷ୍ଠା-୧୪୪, ପ୍ରକାଶକାଳ-୨୦୦୯, ମୂଲ୍ୟ: ଟ.୧୦୦/-, ପୃଷ୍ଠା-୧୪୪

ଗଭୀର ଦାର୍ଶନିକ ଅବବୋଧକୁ କବିତାର ସ୍ରୋତରେ ଛଳଛଳ କରି ବୁହାଇଦେବା, ପୁଣି ଯାହାର ଲକ୍ଷ୍ୟ କେବଳ ପାଠକକୁ ଛୁଇଁ ଛୁଇଁ ଯିବା- ଏମିତି କିଛି କବିତାକୁ ନେଇ ପ୍ରକାଶା ପାଇଛି ଏହି କବିତା ସଂକଳନ । ଏଥିରେ ରହିଛି ସ୍ଥିତାବସ୍ଥା ବିରୋଧରେ ଅଣପାରଂପରିକ ବିଦ୍ରୋହ, ଭ୍ରମ ଭ୍ରମଣ, ସୁଖ ଦୁଃଖର ସାଂସାରିକ ଓ ନୈସର୍ଗିକ ଉପଲବ୍ଧି । ସବୁଠି କିଛି ଗୋଟେ ଖୋଜିଲା ଖୋଜିଲା ଭାବ କବିତାଗୁଡ଼ିକୁ ଗତିଶୀଳ କରାଇଛି । ନିଜର ପ୍ରତିଛବିକୁ କବି ବାରବାଂର ଭେଟୁଛନ୍ତି, ସମ୍ମୋହିତ ହେଉଛନ୍ତି ଆଉ ଶବ୍ଦରେ ବାନ୍ଧି ରଖିବାର ପ୍ରୟାସ ବି କରୁଛନ୍ତି - ଯାହାକି କବିତାଗୁଡ଼ିକୁ ମନୋଜ୍ଞ କରିପାରିଛି । ଏହି ସଂକଳନରେ ରହିଛି ସତୁରୀରୁ ଊର୍ଦ୍ଧ୍ୱ କବିତା ।